# NATIONAL NEWS BULLETIN (ODIA)

**19 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାଉଦୀ ଆରବକୁ ଆସନ୍ତା ମଙ୍ଗଳବାରଠାରୁ ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ଗୁଜୁରାଟରେ ୨୦୩୬ ଅଲମ୍ପିକ କ୍ରୀଡ଼ା ଆୟୋଜନ ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି - କହିଲେ ପ୍ରତିରକ୍ଷାମନ୍ତ୍ରୀ ।

- ଯକୃତ ରୋଗ ବିଷୟରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଯକୃତ ଦିବସ ।

- ପ୍ରକାଶ ପାଇଲା ଯୁଗ୍ମ ପ୍ରବେଶିକା ପରୀକ୍ଷା ଦ୍ୱିତୀୟ ଅଧିବେଶନର ପରୀକ୍ଷାଫଳ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ ।

---

## ପିଏମ୍-ସାଉଦୀ ଆରବ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମଙ୍ଗଳବାରଠାରୁ ଦୁଇଦିନିଆ ସାଉଦୀଆରବ ଗସ୍ତରେ ଯିବେ । ସାଉଦୀଆରବର ରାଜକୁମାର ତଥା ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ସଲମାନଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଗସ୍ତରେ ଯାଉଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

କହିଛି ୨୦୧୬ ଏବଂ ୨୦୧୯ ପରେ ପ୍ରଧାନମନ୍ତ୍ରୀଙ୍କର ଏହା ତୃତୀୟ ସାଉଦୀ ଆରବ ଗସ୍ତ । ସେପ୍ଟେମ୍ବର ୨୦୨୩ରେ ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରିନ୍ସ ସଲମାନ ନୂଆଦିଲ୍ଲୀ ଗସ୍ତରେ ଆସିଥିଲେ । ଏହି ଅବସରରେ ଭାରତ-ସାଉଦୀଆରବ ଦ୍ୱିପାକ୍ଷିକ ସହଯୋଗୀ ପରିଷଦର ପ୍ରଥମ ବୈଠକରେ ସେ ସହ ଅଧ୍ୟକ୍ଷତା କରିଥିଲେ । ସାମାଜିକ, ସାଂସ୍କୃତିକ ଏବଂ ବାଣିଜ୍ୟିକ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଘନିଷ୍ଠ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ରାଜନୈତିକ, ପ୍ରତିରକ୍ଷା, ନିରାପତ୍ତା, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତି ଆଦି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଦୃଢ଼ ସହଭାଗିତା ରହିଛି ବୋଲି ମନ୍ତ୍ରଣାଳୟ କହିଛି । ସାଉଦୀଆରବ ସହିତ ଗତ ଦଶନ୍ଧି ମଧ୍ୟରେ ଭାରତର ସମ୍ପର୍କ ନିରନ୍ତର ଭାଗିଦାରୀ ଦ୍ୱାରା ବିକଶିତ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଏହି ଗସ୍ତ ସାଉଦି ଆରବ ସହିତ ଭାରତର ଦୃଢ଼ ସମ୍ପର୍କ ଉପରେ ଗୁରୁତ୍ୱ ପ୍ରଦାନ କରିବ। ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ବୈଶ୍ୱିକ ଓ ଆଞ୍ଚଳିକ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହେବାର କାର୍ଯ୍ୟସୂଚୀ ରହିଛି ।

# ଲକ୍ଷ୍ନୌ-ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଏକ ନୂତନ କ୍ରୀଡ଼ା ସଂସ୍କୃତିର ବିକଶିତ ହୋଇଛି । ଲକ୍ଷ୍ନୌଠାରେ ଆଜି ସଂସଦ ଖେଳ ମହାକୁମ୍ଭକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ସିଂହ କହିଛନ୍ତି ଉଭୟ କେନ୍ଦ୍ର ଏବଂ ଉତ୍ତରପ୍ରଦେଶ ସରକାର କ୍ରୀଡ଼ା ଅନୁକୂଳ ନୀତି ପ୍ରଣୟନ କରୁଛନ୍ତି । ଫଳରେ ଛୋଟ ଛୋଟ ସହର ଗୁଡ଼ିକରେ ଯୁବବର୍ଗ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଉଛନ୍ତି ।

**V/O**

୨୦୩୬ରେ ଗୁଜୁରାଟରେ ଅଲମ୍ପିକ କ୍ରୀଡ଼ା ଆୟୋଜନ ପାଇଁ ସରକାର ଯଥାସମ୍ଭବ ପ୍ରୟାସ ଜାରି ରଖିଛନ୍ତି । ଏପରିକି ଅନ୍ୟାନ୍ୟ ବିଶ୍ୱସ୍ତରୀୟ କ୍ରୀଡ଼ା ଆୟୋଜନ ନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ଆଗାମୀ ବର୍ଷ ଗୁଡ଼ିକରେ ଖେଳ ମହାକୁମ୍ଭର ଫଳାଫଳ ସ୍ପଷ୍ଟଭାବେ ଦୃଶ୍ୟମାନ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି । ସେ କହିଛନ୍ତି ତୃଣମୂଳ ସ୍ତରରେ ପ୍ରାୟ ୧୦ଟି ଖେଲୋ ଇଣ୍ଡିଆ କେନ୍ଦ୍ରରେ ଖେଳାଳିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହି ଅବସରରେ ଶ୍ରୀ ସିଂହ କ୍ରୀଡ଼ା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସହାୟତା ପ୍ରଦାନ କରିଛନ୍ତି । ୪ ଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ଜୁନିୟର ଏବଂ

ସିନିୟର ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ୨୫ହଜାରରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି ।

# ୱାର୍ଲ୍ଡ ଲିଭର ଡେ

ଯକୃତ ରୋଗ ବିଷୟରେ ସଚେତନତା ସୃଷ୍ଟିକରିବା ଲକ୍ଷ୍ୟନେଇ ଆଜି ବିଶ୍ୱ ଲିଭର ବା ଯକୃତ ଦିବସ ପାଳନ କରାଯାଉଛି । ସ୍ୱାସ୍ଥ୍ୟକର ଖାଦ୍ୟ ସେବନ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଆପଣେଇବା ନେଇ ଲୋକଙ୍କୁ ଉତ୍ସାହିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍ଓର ସୂଚନା ଅନୁଯାୟୀ ଯକୃତ ରୋଗ କାରଣରୁ ଭାରତରେ ପ୍ରତ୍ୟେକ ବର୍ଷ ବହୁ ଲୋକଙ୍କର ମୃତ୍ୟୁ ହୋଇଥାଏ । ମଦ୍ୟପାନ, ନିଶାଦ୍ରବ୍ୟ ସେବନ, ଅସନ୍ତୁଳିତ ଖାଦ୍ୟ ସେବନ, ବ୍ୟାୟାମର ଅଭାବ ଯକୃତ ରୋଗର କାରଣ ହୋଇଥାଏ । ହେପାଟାଇଟ୍ସ ବି, ସି, ଡି, ହେପାଟୋସେଲୁଲାର କାର୍ସିନୋମା ଭଳି ରୋଗ ଦେଖିବାକୁ ମିଳିଥାଏ । ଚଳିତବର୍ଷର ବିଷୟବସ୍ତୁ ରହିଛି 'ଖାଦ୍ୟ ହେଉଛି ଔଷଧ' । ଏହି ଅବସରରେ ନୂଆଦିଲ୍ଲୀସ୍ଥିତ 'ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ବିଲିୟରି ସାଇନ୍ସେସ୍' ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଜେ.ପି. ନଡ୍ଡା

ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଖାଇବା ତେଲ ସେବନକୁ ଅତି କମ୍‌ରେ ୧୦ ପ୍ରତିଶତ ହ୍ରାସ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ବିଶ୍ୱ ଯକୃତ ଦିବସ ଅବସରରେ ସୁସ୍ଥ ଜୀବନଶୈଳୀ ଆପଣେଇବା ନେଇ ଶପଥଗ୍ରହଣ କରିବାକୁ ସେ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଜୀବନଶୈଳୀ ଏବଂ ଖାଦ୍ୟ ଗ୍ରହଣରେ ଛୋଟଛୋଟ ପରିବର୍ତ୍ତନ କରାଗଲେ ଏହାର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ମିଳିଥାଏ । ଏହି ପୋଷ୍ଟର ପ୍ରତ୍ୟୁତ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଏଭଳି ପ୍ରୟାସ ପ୍ରଶଂସନୀୟ । ତୈଳ ବ୍ୟବହାର ହ୍ରାସ କରିବା ଭଳି ସରଳ ପଦକ୍ଷେପ ସୁସ୍ଥ ଜୀବନଶୈଳୀ କ୍ଷେତ୍ରରେ ଯଥେଷ୍ଟ ପ୍ରଭାବ ପକାଇବ ବୋଲି ସେ ଆଶା କରିଛନ୍ତି । ମେଦବହୁଳତାର କାରଣ ଏବଂ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

## ଜେଇଇ ମେନ୍ ରେଜଲ୍ଟ

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍‌ଟିଏ ପକ୍ଷରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ ଦ୍ୱିତୀୟ ଅଧିବେଶନର ପରୀକ୍ଷାଫଳ ଆଜି ସକାଳେ ପ୍ରକାଶ ପାଇଛି । jeemain.nta.nic.in ୱେବ୍‌ସାଇଟ୍‌ରେ ଏହି

ପରୀକ୍ଷାଫଳ ଉପଲବ୍ଧ ହେବା ସହ ସଂପୃକ୍ତ ଏଜେନ୍ସୀ ପକ୍ଷରୁ ମଧ୍ୟ ଏଥିରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କ ନାମ ସହିତ ଅନ୍ୟାନ୍ୟ ମୁଖ୍ୟ ସୂଚନା ମଧ୍ୟ ପ୍ରକାଶ ପାଇଛି । ଏନ୍‌ଟିଏ ପକ୍ଷରୁ ଜେଇଇ ମେନ୍ ୨୦୨୫ର ଦ୍ୱିତୀୟ ଅଧିବେଶନ ପରୀକ୍ଷା ଏପ୍ରିଲ ୨ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ଜେଇଇ ମେନ୍ ଦ୍ୱିତୀୟ ଅଧିବେଶନର ପ୍ରକାଶ ପାଇଥିବା ଫଳ ସହିତ କଟ୍-ଅପ୍ ତାଲିକା, ସର୍ବଭାରତୀୟ ଏବଂ ରାଜ୍ୟସ୍ତରରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ପରୀକ୍ଷାର୍ଥୀଙ୍କ ନାମ ମଧ୍ୟ ଏଥିରେ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଚଳିତବର୍ଷ ଜେଇଇ ମେନ୍ ପରୀକ୍ଷା ଜାନୁଆରୀ ଏବଂ ଏପ୍ରିଲ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା ।

## ଡବ୍ଲ୍ୟୁବି-ମୁର୍ସିଦାବାଦ

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ମୁର୍ସିଦାବାଦ ଜିଲ୍ଲାର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ପାଇଁ ପହଞ୍ଚିଛନ୍ତି । ସାମ୍‌ସେରଗଞ୍ଜ ଅଞ୍ଚଳର ଜାଫ୍ରାବାଦଠାରେ ରାଜ୍ୟପାଳ ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରୁଛନ୍ତି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ସାମ୍‌ସେରଗଞ୍ଜଠାରେ ଲୋକଙ୍କ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଇଛି । ରାଜ୍ୟ ପୁଲିସ ଉପରେ ଭରସା ନାହିଁ ବୋଲି ସ୍ଥାନୀୟ

ଜନସାଧାରଣ କହିବା ସହ କେନ୍ଦ୍ରୀୟ ବଳ ମୁତୟନ ନେଇ ଦାବି କରିଛନ୍ତି । ଅନ୍ୟପକ୍ଷରେ ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ବିଜୟା କେ ରାହତକରଙ୍କ ନେତୃତ୍ୱରେ ୫ଜଣିଆ କମିଟି ଆଜି ପ୍ରଭାବିତ ଅଞ୍ଚଳ ଗସ୍ତ କରିବା ସହ ହିଂସା ଘଟଣାରେ ମୃତ୍ୟୁ ହୋଇଥିବା ହରଗୋବିନ୍ଦ ଦାସ ଏବଂ ଚନ୍ଦନ ଦାସଙ୍କ ପରିବାରଙ୍କ ବର୍ଗଙ୍କ ସହ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ୱାକ୍‌ଫ ସଂଶୋଧନ ଆଇନ୍‌କୁ ବିରୋଧ କରି ସାମସେରଗଞ୍ଜଠାରେ ଗତ ୧୨ ତାରିଖ ଦିନ ଘଟିଥିବା ହିଂସାକାଣ୍ଡରେ ଏହି ଦୁଇ ବାପପୁଅଙ୍କର ମୃତ୍ୟୁ ହୋଇଥିଲା ।

## ଦିଲ୍ଲୀ ବିଲ୍‌ଡିଂ କୋଲାପ୍ସ

ଦିଲ୍ଲୀର ମୁସ୍ତାଫାବାଦ ଅଞ୍ଚଳରେ ଆଜି ସକାଳେ ଏକ ଚାରିମହଲା କୋଠା ଭୁଶୁଡିବା ପରେ ଭଗ୍ନାବଶେଷ ତଳେ ଅନ୍ୟୂନ ୪ଜଣଙ୍କର ପ୍ରାଣହାନି ଘଟିଥିବାବେଳେ ୮ରୁ ୧୦ଜଣ ଫସି ରହିଥିବାର ଆଶା କରାଯାଉଛି । ଉତ୍ତରପୂର୍ବ ଜିଲ୍ଲାର ଅତିରିକ୍ତ ଡିସିପି ସନ୍ଦିପ ଲାମ୍ବା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ସକାଳ ପ୍ରାୟ ୩ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ-ଏନ୍‌ଡିଆରଫ୍ ଏବଂ ଦିଲ୍ଲୀ ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ବର୍ତ୍ତମାନ ଉଦ୍ଧାର

କାର୍ଯ୍ୟ ଚାଲିଥିବାବେଳେ ୧୦ଟି ଅଗ୍ନିଶମ ଗାଡ଼ିକୁ ଘଟଣାସ୍ଥଳକୁ ପଠାଯାଇଛି ।

## ଚାର୍‌ଧାମ ଯାତ୍ରା

ଗଙ୍ଗୋତ୍ରୀ ଧାମ ସହିତ ଏପ୍ରିଲ ୩୦ ତାରିଖରେ ଯମୁନେତ୍ରୀ ଧାମ ଖୋଲିବାର କାର୍ଯ୍ୟକ୍ରମ ରହିଛି । ତେବେ ଭକ୍ତମାନଙ୍କୁ ସେହିଦିନ ଏହି ଧାମ ପକ୍ଷରୁ ସ୍ୱାଗତ କରାଯିବ । ଶ୍ରୀ ବଦ୍ରିନାଥ- କେଦାରନାଥ ମନ୍ଦିର କମିଟି- ବିକେଟିସି ପକ୍ଷରୁ କୁହାଯାଇଛି ଯେ ଶ୍ରୀ କେଦାରନାଥ ଧାମର ଦ୍ୱାର ମେ’ ୨ ଏବଂ ବଦ୍ରିନାଥ ଧାମ ଦ୍ୱାର ମେ’ ୪ ତାରିଖରେ ଖୋଲାଯିବ । ତୀର୍ଥଯାତ୍ରୀଙ୍କ ସୁରକ୍ଷା ଏବଂ ସୁବିଧାକୁ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତି ଚାଲିଛି । ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ରାଜ୍ୟର ଅର୍ଥନୀତି ପାଇଁ ଏହି ଯାତ୍ରା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ତାଙ୍କ ସରକାର ନିରାପଦ ଏବଂ ସୁଗମ ତୀର୍ଥଯାତ୍ରା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ।

ଏହି ଯାତ୍ରା ପୂର୍ବରୁ ବି.କେ.ଟି.ସିର ଅଧିକାରୀମାନେ ବିଭିନ୍ନ ମନ୍ଦିର ସ୍ଥଳ ଏବଂ ସୁବିଧାକୁ ଯାଞ୍ଚ କରୁଛନ୍ତି । ସୂଚନାଯୋଗ୍ୟ ଯେ ହିନ୍ଦୁ ତୀର୍ଥଯାତ୍ରା ମଧ୍ୟରୁ ଅନ୍ୟତମ ଚାରିଧାମ ଯାତ୍ରାରେ ଯମୁନେତ୍ରୀ, ଗଙ୍ଗୋତ୍ରି, କେଦାରନାଥ ଏବଂ ବଦ୍ରିନାଥ ଅନ୍ତର୍ଭୁକ୍ତ । ଏହି ଯାତ୍ରା ଯମୁନେତ୍ରୀରୁ ଆରମ୍ଭ ହୋଇ ବଦ୍ରିନାଥରେ ପାରମ୍ପରିକ ରୀତିନୀତି ମଧ୍ୟରେ ଶେଷ ହୁଏ ।

## ଜେ.ପି. ନଡ୍ଡା

ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଖାଇବା ତେଲ ସେବନକୁ ଅତି କମ୍‌ରେ ୧୦ ପ୍ରତିଶତ ହ୍ରାସ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ବିଶ୍ୱ ଯକୃତ ଦିବସ ଅବସରରେ ସୁସ୍ଥ ଜୀବନଶୈଳୀ ଆପଣେଇବା ନେଇ ଶପଥଗ୍ରହଣ କରିବାକୁ ସେ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଜୀବନଶୈଳୀ ଏବଂ ଖାଦ୍ୟ ଗ୍ରହଣରେ ଛୋଟଛୋଟ ପରିବର୍ତ୍ତନ କରାଗଲେ ଏହାର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ମିଳିଥାଏ । ଏହି ପୋଷ୍ଟର ପ୍ରତ୍ୟୁତ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଏଭଳି ପ୍ରୟାସ ପ୍ରଶଂସନୀୟ । ତୈଳ ବ୍ୟବହାର ହ୍ରାସ କରିବା ଭଳି ସରଳ ପଦକ୍ଷେପ ସୁସ୍ଥ ଜୀବନଶୈଳୀ କ୍ଷେତ୍ରରେ ଯଥେଷ୍ଟ ପ୍ରଭାବ ପକାଇବ ବୋଲି ସେ ଆଶା କରିଛନ୍ତି । ମେଦବହୁଳତାର କାରଣ ଏବଂ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

## ଜି.ଏସ୍.ଟି. - ୟୁ.ପି.ଆଇ.

ଦୁଇ ହଜାର ଟଙ୍କାରୁ ଅଧିକ ୟୁ.ପି.ଆଇ. କାରବାର ଉପରେ ଦ୍ରବ୍ୟ ଓ ସେବାକର - ଜି.ଏସ୍.ଟି. ଆଦାୟ କରିବା ବିଷୟ ମିଥ୍ୟା ଓ ବିଭ୍ରାନ୍ତିକର ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ

ଦିଆଯାଇଥିବା ଏକ ବିବୃତ୍ତି ଅନୁଯାୟୀ ଏଭଳି କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ନାହିଁ । ଜି.ଏସ୍.ଟି. କେବଳ ନିର୍ଦ୍ଦିଷ୍ଟ ଉପକରଣ ବ୍ୟବହାରଦ୍ୱାରା ହେଉଥିବା ଦେୟ ସହିତ ଜଡ଼ିତ । ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ୨୦୨୦ ଜାନୁୟାରୀରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ଼ ଏକ ଗେଜେଟ୍ ବିଜ୍ଞପ୍ତି ଜରିଆରେ ଉପଭୋକ୍ତା ଓ ବ୍ୟବସାୟୀ ମଧ୍ୟରେ ହେଉଥିବା ୟୁ.ପି.ଆଇ. କାରବାର ଉପରେ ମର୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ ହଟାଇ ଦେଇଛନ୍ତି । ୟୁ.ପି.ଆଇ. ମାଧ୍ୟରେ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବାପାଇଁ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଥିବା ଅର୍ଥ ମନ୍ତ୍ରଣାଳୟ କହିଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଅହମ୍ମଦାବାଦର ନରେନ୍ଦ୍ରମୋଦୀ ଷ୍ଟାଡିୟମଠାରେ ଅପରାହ୍ନ ସାଢ଼େ ୩ଟାରେ ଗୁଜୁରାଟ୍ ଟାଇଟନ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମୁକାବିଲା ହେବ । ଅକ୍ଷର ପଟେଲଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ଏ ପର୍ଯ୍ୟନ୍ତ ଖେଳିଥିବା ୬ଟି ମ୍ୟାଚ୍ ମଧ୍ୟରୁ ୫ଟିରେ ବିଜୟ ହାସଲ କରିଛି । ଅନ୍ୟପକ୍ଷରେ ଶୁଭମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଗୁଜୁରାଟ ଟାଇଟନ୍ସର ବ୍ୟାଟିଂ ଲାଇନ୍‌ଅପ୍ ଦୃଢ଼ ରହିଛି । ସେହିପରି ସନ୍ଧ୍ୟା ସାଢ଼େ ୭ଟାରେ ଜୟପୁରର

ସବାଇ ମାନସିଂହ ଷ୍ଟାଡିୟମଠାରେ ରାଜସ୍ଥାନ ରୟାଲ୍ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପରସ୍ପରକୁ ଭେଟିବେ ।